## ୧୨ରେ ଭୁବନେଶ୍ୱରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର

# ‘ହୁ ବାଇଆ’ ପାଇଁ ପାଇବେ ସଞ୍ଜୟ ପଣ୍ଡା

ଭୁବନେଶ୍ୱର,୬।୧(ବ୍ୟୁରୋ): ୨୦୨୪ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଭୁବନେଶ୍ୱରରେ ପ୍ରଦାନ କରାଯିବ । ଆସନ୍ତା ୧୨ ତାରିଖ (ରବିବାର) ସନ୍ଧ୍ୟା ୫ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟଠାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଏକାଡେମୀ ସଚିବ ଡ.କେ. ଶ୍ରୀନିବାସରାଓ ସୂଚନା ଦେଇଛନ୍ତି । ବଡ଼ କଥା ହେଲା, ୨୪ଟି ଭାରତୀୟ ଭାଷାରେ ପୁରସ୍କାର ପ୍ରଦାନ କରାଯିବାକୁ ଥିବାବେଳେ ଏହି ଅବସରରେ ଓଡ଼ିଆ ଭାଷାରେ କ୍ଷୁଦ୍ର ଗଳ୍ପ ସଙ୍କଳନ ‘ହୁ ବାଇଆ’ ପାଇଁ ଯୁବ ପୁରସ୍କାର ପାଇବେ ସଞ୍ଜୟ କୁମାର ପଣ୍ଡା । ଏକାଡେମୀ ପକ୍ଷରୁ ଗତ ୨୦୨୪ ଜୁନ୍ ୧୫ ତାରିଖ ଘୋଷଣା ଅନୁସାରେ ମନୋନୀତ ଶ୍ରୀ ପଣ୍ଡା ଓ ଅନ୍ୟମାନେ ଏହି ପୁରସ୍କାର ପାଇବେ । ପ୍ରତ୍ୟେକ ସାହିତ୍ୟିକଙ୍କୁ ପୁରସ୍କାର ସ୍ୱରୂପ ପୁଷ୍ପଗୁଚ୍ଛ, ଉପଢ଼ୌକନ, ତାମ୍ରଫଳକ ସହ ୫୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ଚେକ୍ ପ୍ରଦାନ କରାଯିବ । ଏଥିସହିତ ପୁରସ୍କାର ପର୍ବ ପରଦିନ ୧୩ ତାରିଖ ସୋମବାର ପୁରସ୍କାର ପ୍ରାପକ ସମ୍ମିଳନୀ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ପୁରସ୍କାର ପ୍ରାପକମାନେ ନିଜ ସୃଜନାତ୍ମକ ଅନୁଭବ ପ୍ରକାଶ କରିବେ । ଏହା ଭୁବନେଶ୍ୱର ବୁଦ୍ଧ ମନ୍ଦିର ସଭାକକ୍ଷରେ ପୂର୍ବାହ୍ନ ସାଢ଼େ ୧୦ଟାରେ ଅନୁଷ୍ଠିତ ହେବ । ଏକାଡେମୀ ସଭାପତି ମାଧବ କୌଶିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୁରସ୍କାର ପ୍ରଦାନ ସହ ବକ୍ତବ୍ୟ ରଖିବେ ପ୍ରଖ୍ୟାତ ଇଂରାଜୀ କବି ଜେରି ପିଣ୍ଟୋ । ସ୍ୱାଗତ ଭାଷଣ ଦେବେ ସଚିବ ଶ୍ରୀନିବାସରାଓ । ସମାପନୀ ବକ୍ତବ୍ୟ ରଖିବେ ଉପସଭାପତି କୁମୁଦ ଶର୍ମା ।